**ସଂକ୍ଷେପରେ**

## ୭ ଡକାୟତ ଗିରଫ
### ବନ୍ଧୁକ, ଗୁଳି, ବୋମା ଜବତ

**ବ୍ରହ୍ମପୁର ଅଫିସ,୩।୪:** ସଦର ଥାନା ପୋଲିସ ୭ ଡକାୟତଙ୍କୁ ଧରିଛି। ଗୁରୁଣ୍ଡି ଆଶ୍ରୟସ୍ଥଳୀରେ ଏକାଠି ହୋଇ ଡକାୟତି ଯୋଜନା ଚଳାଇଥିବା ବେଳେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ପୋଲିସକୁ ସୂଚନା ମିଳିଥିଲା। ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ଡକାୟତ ଗ୍ୟାଙ୍ଗକୁ ଗିରଫ କରିଥିଲା। ସେମାନେ ହେଲେ ଲାଠିର ଗାଙ୍ଗୁଲି ଦାସ (୨୭), ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଗୋପାଳପୁର ଥାନା କରାପଲ୍ଲୀର ଡି. ଈଶ୍ୱର ରେଡ୍ଡୀ (୪୨), ପଦରବାଲିର ଟୁକୁନା ଦାସ (୨୪), ଗୋଳନ୍ଥରା ଥାନା ଜୁଗୁଡି ଗ୍ରାମର ସାଜନ ଗୌଡ଼ (୨୪), ଚମାଖଣ୍ଡି ଥାନା ଅନ୍ତର୍ଗତ ବଣବୋଲାପଲ୍ଲୀର ସୀମାଞ୍ଚଳ ରାଉଳ (୨୫), ଗୋପାଳପୁର ଥାନା ଭେଙ୍କଟରାଇପୁରର ଶିବ ନାୟକ (୨୧) ଓ ଗେଟ ବଜାର ବୃନ୍ଦାବତୀ ନଗରର ପ୍ରସାଦ ମହାରଣା (୨୦) । ପୋଲିସ ଘଟଣାସ୍ଥଳରୁ ଗୋଟିଏ ବନ୍ଧୁକ, ୪ ଗୁଳି, ଗୋଟିଏ ଖଣ୍ଡା ଓ ୨ ବୋମା ଜବତ କରିଥିବା ସୂଚନା ଦେଇଛି। ଜେରା ବେଳେ ସେମାନେ ଲୋଚପଡା ପେଟ୍ରୋଲ ପମ୍ପରେ ଡକାୟତି ପାଇଁ ଯୋଜନା କରୁଥିଲେ ବୋଲି ଜଣାପଡିଛି। ନଂ. ୮୯ /୧୯ ଅନୁସାରେ ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି ବୋଲି ପୋଲିସ ସୂଚନା ଦେଇଛି ।

## ଏମ୍‌ପି, ବିଧାୟକଙ୍କ ପାଇଁ ସ୍ୱତନ୍ତ୍ର କୋର୍ଟ
### ଏପିପି ଭାବେ ଚକ୍ରଧର ନିଯୁକ୍ତ

**ବ୍ରହ୍ମପୁର ଅଫିସ,୩।୪:** ହାଇକୋର୍ଟଙ୍କ ନିର୍ଦ୍ଦେଶ ଓ ରାଜ୍ୟ ସରକାରଙ୍କ ସହମତିରେ ବ୍ରହ୍ମପୁରରେ ଏମ୍‌ପି ଓ ପୂର୍ବତନ ଏମ୍‌ପି, ବିଧାୟକ ଓ ପୂର୍ବତନ ବିଧାୟକଙ୍କ ମାମଲା ଗୁଡ଼ିକର ପରିଚାଳନା ପାଇଁ ବ୍ରହ୍ମପୁରର ଏକ ସ୍ୱତନ୍ତ୍ର କୋର୍ଟ ଖୋଲିଛି। ଅତିରିକ୍ତ ଜିଲା ଦୌରାଜଜ୍-୩ ନିରଞ୍ଜନ ଜେନାଙ୍କ ଅଧୀନରେ ଏହି କୋର୍ଟ କାର୍ଯ୍ୟକ୍ଷମ ହେଉଛି । ଏହି କୋର୍ଟ ଏବେ ଡେଜିଗ୍ନେଟେଡ କୋର୍ଟ ଭାବେ ପରିଚିତ ହୋଇଛି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଅଧୀନରେ ଥିବା ୧୦ ଜିଲାର ୧୩୦ ମାମଲା ଏବେ ଏହି କୋର୍ଟରେ ବିଚାର ହେବ ବୋଲି କ୍ୟାଡର ପିପି ଅଜିତ କୁମାର ପଟ୍ଟନାୟକଙ୍କଠାରୁ ସୂଚନା ମିଳିଛି। ଏହି ମାମଲାଗୁଡ଼ିକର ପରିଚାଳନା ପାଇଁ ଏପିପି ଭାବେ ଚକ୍ରଧର ପାତ୍ରଙ୍କୁ ନିଯୁକ୍ତି ମିଳିଥିବା ସେ କହିଛନ୍ତି । ଏମ୍‌ପି ଓ ବିଧାୟକମାନଙ୍କ ନାମରେ ଥିବା ମାମଲାଗୁଡ଼ିକର ତୁରନ୍ତ ଫଇସଲା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ଅଦାଲତ ଖୋଲାଯାଇଥିଲା। ଓଡ଼ିଶାର ପ୍ରାୟ ୬୦୦ ଏମ୍‌ପି ଓ ବିଧାୟକଙ୍କ ନାମରେ ଥିବା ମାମଲାଗୁଡ଼ିକର ତୁରନ୍ତ ଫଇସଲା ପାଇଁ ଏହି କୋର୍ଟ ରହିଥିଲା। ହେଲେ ଗତ ୩ ମାସ ମଧ୍ୟରେ ଥିବା ମାମଲାଗୁଡ଼ିକର ବିଚାର ହୋଇପାରିଲା ନାହିଁ। ବିଚାରଣାରେ ଅହେତୁକ ବିଳମ୍ବ ଘଟୁଥିବାରୁ ଦକ୍ଷିଣାଞ୍ଚଳର ୧୦ ଜିଲାର ଏମ୍‌ପି ଓ ବିଧାୟକଙ୍କ ୧୩୦ ମାମଲାକୁ ଏବେ ବ୍ରହ୍ମପୁରରେ ଖୋଲାଯାଇଥିବା ଏଡିଜେ-୩ କୋର୍ଟକୁ ବିଚାର ପାଇଁ ପଠାଯାଇଥିବା କୋର୍ଟ ସୂତ୍ରରୁ ପ୍ରକାଶ ।

# ହାଇଟେକ୍ ବସ୍‌ରେ ନବୀନଙ୍କ ରୋଡ୍ ଶୋ

**ବ୍ରହ୍ମପୁର ଅଫିସ୍,୩।୪**

କନିଷିରେ ନିର୍ବାଚନ ସଭା ସରିବା ପରେ ବ୍ରହ୍ମପୁରରେ ରୋଡ୍ ଶୋ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ହାଇଟେକ୍ ବସ୍‌ରେ ଏହି ରୋଡ୍ ଶୋ'ରେ ବ୍ରହ୍ମପୁର ସହର ବୁଲିଥିଲେ ନବୀନ । କନିଷିରୁ ବାହାରି ହଳଦିଆପଦର ଓଭରବ୍ରିଜ୍ ହୋଇ ଗୋସାଇଁନୂଆଗାଁରେ ପହଞ୍ଚିଥିଲେ। ସେଠାରୁ ମାଉସୀମା' ଛକ, ନେହରୁ ନଗର ଛକ, ସନ୍ତୋଷୀ ମା' ମନ୍ଦିର, ବିଜିପୁର ଛକ, ଖଲ୍ଲିକୋଟ କଲେଜ ଛକ, ଗାନ୍ଧୀନଗର ଛକ, ସାଇ କମ୍ପ୍ଲେକ୍ସ ଛକ, ରୁକ୍ମଣୀ ହଲ୍ ଛକ, ଗିରିଜା ଛକ, କର୍ପୋରେଶନ୍ ରୋଡ୍ ହୋଇ ଆସିକା ରୋଡ୍‌ରେ ପହଞ୍ଚିଥିଲେ । ଆସିକା ରୋଡ୍‌ରେ ତାଲୁକା ଛକ, କାଲୁପାତ୍ରସାହି ଛକ, ହରିଡ଼ାଖଣ୍ଡି ଛକ ହୋଇ ଫାଷ୍ଟଗେଟ୍ ଛକରେ ପହଞ୍ଚିବା ପରେ ପୁଣିଥରେ ଆସିକା ରୋଡ୍‌ରେ ସିଧା ତୁଳସୀନଗର ଛକରେ ପହଞ୍ଚିଥିଲେ । ସେଠାରୁ ଗେଟ୍‌ବଜାର ଛକ, ସିଟି ହସ୍‌ପିଟାଲ୍ ଛକ, ବାବାଜୀ ତୋଟା ଛକ, ପାଣି ଟାଙ୍କି ଛକ, ସୁବାରାଓ ଛକ, ଟାଟା ବେଞ୍ଚ ଛକ, କମାପଲ୍ଲୀ ଛକ, କୋର୍ଟପେଟା ଛକ, ସେଲ୍ ଟ୍ୟାଙ୍କ୍ସ ଛକ, ଖୋଡ଼ାସିଙ୍ଗି ଏବଂ ଗୋପାଳପୁର ଓଭରବ୍ରିଜ୍ ହୋଇ ଜାତୀୟ ରାଜପଥରେ ପହଞ୍ଚିଥିଲେ। ସେଠାରୁ ଛତ୍ରପୁର ଯାଇଥିଲେ। ରୋଡ୍ ଶୋ' ବେଳେ ପ୍ରମୁଖ ଛକ ଏବଂ ଜନଗହଳିପୂର୍ଣ୍ଣ ଛକରେ ରହି ପ୍ରାର୍ଥୀମାନଙ୍କ ସପକ୍ଷରେ ପ୍ରଚାର କରିଥିଲେ । ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାନସଭା ପ୍ରାର୍ଥୀ ବିକ୍ରମ ପଣ୍ଡା, ଗୋପାଳପୁର ବିଧାନସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ, ଅଭିନେତା ସବ୍ୟସାଚୀ ଏବଂ ଅଭିନେତ୍ରୀ ଅର୍ଚ୍ଚିତା ଏହି ରୋଡ୍ ଶୋ'ରେ ଭାଗ ନେଇଥିଲେ ।


ମୁଖ୍ୟମନ୍ତ୍ରୀ ନବୀନ ନଟ୍ଟନାୟକ ରୋଡ୍ ଶୋ'ରେ ବ୍ରହ୍ମପୁର ସହର ପରିକ୍ରମା କରୁଛନ୍ତି ।

ବିଜେଡ଼ି, ଯୁବ ବିଜେଡ଼ି ଏବଂ ମହିଳା ବିଜେଡ଼ି ତରଫରୁ ବିଭିନ୍ନ ଛକଗୁଡ଼ିକରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ଛକରେ ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ରାମ ଚନ୍ଦ୍ର ପଣ୍ଡା, ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା, କେ. ଅନିଲ, ଭଗବାନ ଗନ୍ତାୟତଙ୍କ ସମେତ ବହୁ ବିଜେଡ଼ି ନେତା ଉପସ୍ଥିତ ଥିଲେ। ଯୁବ ବିଜେଡ଼ି ସଭାପତି ଧନଞ୍ଜୟ ରାଓଙ୍କ ନେତୃତ୍ୱରେ ବିରାଟ ବାଇକ୍ ଶୋଭାଯାତ୍ରା ଏହି ରୋଡ୍ ଶୋ'ରେ ଭାଗ ନେଇଥିଲା।

ତେବେ ହାଇଟେକ୍ ବସ୍ ଦେଖିବାକୁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଦେଇଥିଲା । ଦିଲ୍ଲୀରୁ ଆସିଥିବା ଏହି ବସ୍‌ରେ ଅତ୍ୟାଧୁନିକ ସୁବିଧା ରହିଛି । ଭିତରେ ଶୋଇବା ପାଇଁ ବେଡ୍ ପଡ଼ିଛି । ଖାଇବା ପାଇଁ ଡାଇନିଂ ଟେବୁଲ୍ ରହିଛି । ଶୌଚାଳୟ ମଧ୍ୟ ରହିଛି । ତେବେ ଏହାର ଅନ୍ୟତମ ବିଶେଷତ୍ୱ ହେଲା ଏଥିରେ ଏକ କ୍ୟାବିନ୍ ରହିଛି । ଯାହା ପାଞ୍ଚ ଫୁଟ ଉପରକୁ ଉଠି ପାରିବ । ସଭା ମଞ୍ଚ ଭଳି ଏହି କ୍ୟାବିନ୍ ଉପରେ ଠିଆ ହୋଇ ଲୋକମାନଙ୍କୁ ଭାଷଣ ଦେବେ । ଚଳିତ ନିର୍ବାଚନରେ ରାଜ୍ୟବ୍ୟାପୀ ଏହି ବସ୍‌ରେ ନବୀନ ଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଥିବା ବିଜେଡ଼ି ସୂତ୍ରରୁ ଜଣାପଡ଼ିଛି ।

## ସେଲ୍ଫି କର୍ଣ୍ଣର


ଶିବରାମ


ଜିତେନ୍ଦ୍ର

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

# ପ୍ରାଣୀ ବିଜ୍ଞାନ ବିଭାଗ ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ଉପସ୍ଥିତ ଅଧ୍ୟାପିକା ଏବଂ ଛାତ୍ରୀମାନେ ।

**ବ୍ରହ୍ମପୁର ଅଫିସ୍,୩।୪**

ମହାମାୟୀ ମହିଳା ମହାବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନ ବିଭାଗର ୫ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ଏସ୍. ବସନ୍ତ କୁମାର ଆଚାରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାସ୍ତରୀୟ ଶିକ୍ଷା ପରାମର୍ଶଦାତା ପ୍ରାଧ୍ୟାପକ ଶେଷଦେବ ସାହୁ ଯୋଗଦେଇ ଛାତ୍ରୀମାନଙ୍କୁ ଶିକ୍ଷା ସମ୍ବନ୍ଧୀୟ ଦିଗ୍‌ଦର୍ଶନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସ୍ନାତକୋତର ପ୍ରାଣୀ ବଡିଜ୍ଞାନ ବିଭାଗ ଅଧ୍ୟାପକ ତଥା ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ଡ. ବିଭୁ ପ୍ରସାଦ ବାରିକ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରାଣୀ ବିଜ୍ଞାନର ବିଭିନ୍ନ ଶିକ୍ଷା ଉପରେ ଆଲୋକପାତ କରିବା ସହ ପାଠ୍ୟକ୍ରମର ମହତ୍ୱ ଏବଂ ସୁଯୋଗ ସମ୍ପର୍କରେ କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ଓଡ଼ିଆ ବିଭାଗ ମୁଖ୍ୟ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଅଭିଭାଷଣ ଦେଇଥିଲେ। ଛାତ୍ରୀମାନଙ୍କୁ ସମୟ ଓ ଯୁଗ ଉପଯୋଗୀ ହେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧକ୍ଷ ଡ. କଳ୍ପନା ସାହୁ ଗୁରୁ ଅଭିଭାଷଣ ଦେଇଥିଲେ। ପ୍ରାଣୀ ବିଜ୍ଞାନ ୨୦୧୮-୧୯ରେ ୧୩ ପାଠଚକ୍ର ଆଲୋଚନା ହୋଇଥିଲା। ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ବର୍ଷ ଛାତ୍ରୀମାନେ ଯୋଗ ଦେଇଥିଲେ । ଅଙ୍କିତା ପ୍ରିୟଦର୍ଶିନୀ, ସ୍ୱେତାବର୍ଣ୍ଣଲୀ ପତି, ଭକ୍ତି ପ୍ରିୟା, ସୋନାଲିକା ଦାସ, ଆର୍. ଯୋଶଦା, ସଞ୍ଜନା ଦାଶ କୃତୀତ୍ୱ ହାସଲ କରିଥିଲେ । ସେମିନାର୍ ସେକ୍ରେଟାରୀ ସଞ୍ଜନା ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଞ୍ଜନୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଏସ୍. ବସନ୍ତ କୁମାର ଆଚାରୀ ପାଠଚକ୍ରର ଉପଯୋଗିତା ବିଷୟରେ କହିଥିଲେ। ପାଠଚକ୍ର ସଂଯୋଗୀ ଅଧକ୍ଷା ଆଶା କିରଣ ପଣ୍ଡା, ଅଧ୍ୟାପିକା ସମିତା ସାହୁ ଏବଂ ଅନିତା କୁମାରୀ ଚୌଧୁରୀ ସହଯୋଗ କରିଥିଲେ। ଛାତ୍ରୀ ପ୍ରଣତୀ ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ ।

## ହତ୍ୟା ଉଦ୍ୟମ, ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୩।୪**

ସଦର ଥାନା ପୋଲିସ ଏକ ହତ୍ୟା ଉଦ୍ୟମ ମାମଲାରେ ଫେରାର ଥିବା ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରିଛି। ଅଭିଯୁକ୍ତ ଜଣକ ଆମ୍ବଗଡ଼ ଗ୍ରାମର କାଲୁ ଦାସ । ଏହି ଘଟଣାରେ ତା'ଙ୍କ ସହଯୋଗୀ ଲଣ୍ଡା ଦାସ ଫେରାର ଅଛନ୍ତି ବୋଲି ଥାନାଧିକାରୀ ଭାବନାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି। ପ୍ରକାଶ ଯେ, କାଲୁ ଦାସ ଉକ୍ତ ଆମ୍ବଗଡ ଗ୍ରାମର ଉପେନ୍ଦ୍ର ଦାସଙ୍କୁ ଗତ ୨୯ ତାରିଖରେ ୫୦ ଟଙ୍କା ମାଗିଥିଲେ । ସେ ମନା କରିବାରୁ କାଲୁ ଓ ଲଣ୍ଡା ଉପେନ୍ଦ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ରକ୍ତାକ୍ତ ଅବସ୍ଥାରେ ଉପେନ୍ଦ୍ରଙ୍କୁ ଆସି ପରିବାର ଲୋକେ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସୁସ୍ଥ ହେବା ପରେ ଉପେନ୍ଦ୍ର ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ନଂ. ୮୬/୧୯ରେ ଏକ ମାମଲା ରୁଜୁ କରିଥିଲା । ଘଟଣାର ଅନୁସନ୍ଧାନ କରି କାଲୁଙ୍କୁ ଗିରଫ କରିବା ସହ ଲୁହାରଡ଼ ପୋଲିସ ଜବତ କରିଥିଲା । ବୁଧବାର କାଲୁଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଆକ୍ରମଣ ମାମଲା: ଜିଆରଏସ୍ ନିର୍ଦ୍ଦୋଷ ସାବ୍ୟସ୍ତ

**ବ୍ରହ୍ମପୁର ଅଫିସ,୩।୪**

ଏକ ଆକ୍ରମଣ ମାମଲାର ଶୁଣାଣି କରି ବୁଧବାର ଏସଡିଜେଏମ୍ ସରୋଜିନୀ ସାହୁ ପ୍ରମାଣ ଅଭାବରୁ ଗ୍ରାମ ରୋଜଗାର ସେବକ (ଜିଆରଏସ) ସୁଶାନ୍ତ କୁମାର ସେଠୀଙ୍କୁ ନିର୍ଦ୍ଦୋଷରେ ଖଲାସ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କୁକୁଡ଼ାଖଣ୍ଡି ବ୍ଲକ ବାଲିପଡ଼ା ପେଟ୍ରୋଲ ପମ୍ପ ନିକଟରେ ନିର୍ମାଣାଧୀନ ଏକ କଲଭର୍ଟ ନିମ୍ନମାନର ହୋଇଥିବା ନେଇ ଜଣେ ବ୍ୟକ୍ତି ଉକ୍ତ ଖବର ପରିବେଷଣ କରିଥିଲେ। ଫଳରେ ଜିଆରଏସଙ୍କୁ ଉକ୍ତ କାମ ବାବଦରେ ବିଲ୍ ଟଙ୍କା ମଞ୍ଜୁର ହୋଇପାରି ନ ଥିଲା। ଏହାକୁ ନେଇ ଜିଆରଏସ୍ ଓ ଖବର ପରିବେଷଣ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ୨୦୧୮ ଏପ୍ରିଲ ୧୮ ତାରିଖ ରାତିରେ ବାଲିପଡ଼ା ପଞ୍ଚାୟତ ଜିଆରଏସ୍ ସୁଶାନ୍ତ କୁମାର ସେଠୀ ଉକ୍ତ ଗ୍ରାମର ହିମାଂଶୁ ଗୌଡ଼ଙ୍କର ଏକ ଭୋଜିରେ ଯୋଗ ଦେଇଥିଲେ। ସେଠାରେ ଥିବା ସମ୍ପୃକ୍ତ ଯୁବକ ଏବଂ ସୁଶାନ୍ତଙ୍କ ମଧ୍ୟରେ ଖବର ପ୍ରକାଶନକୁ ନେଇ ଝଗଡ଼ା ହୋଇଥିଲା। ଏନେଇ ଅଭିଯୋଗ ପରେ ସଦର ଥାନା ପୋଲିସ ନଂ. ୯୬/୧୮ରେ ମାମଲା ରୁଜୁ କରି ଜିଆରଏସ ସୁଶାନ୍ତଙ୍କୁ ଗିରଫ କରି ପରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲା। ବୁଧବାର ଏହି ମାମଲାର ବିଚାର ବେଳେ ୫ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ଅଭାବରୁ ଏସଡିଜେଏମ ଜିଆରଏସଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିଲେ। ସରକାରଙ୍କ ପକ୍ଷରୁ ଏପିପି ମାଳତୀ ପାଳ ଓ ମୁଦୁଲାଙ୍କ ପକ୍ଷରୁ ଆଇନଜୀବୀ କରୁଣାକର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

## ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୩।୪**

ପେଟରେ ଯନ୍ତ୍ରଣା ହେବାରୁ ଜଣେ ବିଚାରାଧୀନ କଏଦୀଙ୍କୁ ମଙ୍ଗଳବାର ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତକ ହେଲେ ଯୁଧିଷ୍ଠିର ସାହୁ (୫୧) । ତାଙ୍କ ଘର ସଦର ଥାନା ଅନ୍ତର୍ଗତ ସାତକୁଟଣି । ଯଧିଷ୍ଠିର ଏକ ହତ୍ୟା ମାମଲାରେ ଗିରଫ ହୋଇଥିଲେ। ତାଙ୍କ ବିରୋଧରେ ପୋଲିସ ଜିଆର କେସ୍ ନଂ. ୬୫୮/୧୭ ରୁଜୁ କରିଥିଲା। ୨୦୧୭ ଜୁନ ୧୪ ରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ କଏଦୀ ଭାବେ ରହିଥିଲେ । ସନ୍ଧ୍ୟାରେ ଯୁଧିଷ୍ଠିରଙ୍କ ପେଟରେ ଯନ୍ତ୍ରଣା ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ବଡ଼ ମେଡିକାଲରେ ଭର୍ତ୍ତି କରିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିବା ଡ଼ାକ୍ତର ଘୋଷଣା କରିଥିଲେ। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ. ୧୬୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ବୁଧବାର ମାଜିଷ୍ଟ୍ରେଟ, ପୋଲିସ ଓ ପରିବାରବର୍ଗଙ୍କ ଉପସ୍ଥିତିରେ ଯୁଧିଷ୍ଠିରଙ୍କ ମୃତଦେହ ପଞ୍ଚନାମା କରାଯାଇ ବ୍ୟବଚ୍ଛେଦ କରାଯାଇଛି। ପରେ ତାଙ୍କ ମୃତଦେହକୁ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ମେଡିକାଲ ପାଣ୍ଡି ଅଧିକାରୀ ଜନ୍ମେଜୟ ମଳିକ ସୂଚନା ଦେଇଛନ୍ତି।

## ବିଞ୍ଝଣା ପରେ ଯାତ୍ରାଦାଣ୍ଡକୁ ଆସେ ଜ୍ୱଳାମୁଖୀ ରଥ

**ବ୍ରହ୍ମପୁର ଅଫିସ,୩।୪**

ମା' ବୁଢୀଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରାରେ ଅନ୍ୟତମ ଆକର୍ଷଣ ସାଜିଥାଏ ରଥ ଓ କଳାକୁଞ୍ଜ। ଯାତ୍ରା ଆରମ୍ଭର ପ୍ରଥମ ସପ୍ତାହରେ ମା' ଘଟ ଶୋଭଯାତ୍ରାରେ ସାହି ପରିକ୍ରମା କରି ରଥକୁ ଯାତ୍ରା ଦାଣ୍ଡକୁ ଆସିବାକୁ ଆମନ୍ତ୍ରଣ କରିଥାନ୍ତି । ଏହାପରେ ରଥ ଓ କଳାକୁଞ୍ଜ ଗୁଡିକ ଯାତ୍ରା ଦାଣ୍ଡକୁ ଆସିବାର ପରମ୍ପରା ରହିଛି । ଏହିକ୍ରମରେ ମା' ପଞ୍ଚମ ଦିବସରେ ଘଟ ପରିକ୍ରମାରେ ଯାଇ କାଲୁପାତ୍ର ସାହିର ଜ୍ୱଳାମୁଖୀ ରଥକୁ ଯାତ୍ରା ଦାଣ୍ଡକୁ ଆସିବାକୁ ଆମନ୍ତ୍ରିତ କରିଛନ୍ତି । ବିଞ୍ଝଣା ରଥ ଯାତ୍ରା ଦାଣ୍ଡକୁ ଆସିବା ପରେ କାଲୁପାତ୍ର ସାହିର ଜ୍ୱାଳାମୁଖୀ ରଥ ଯାତ୍ରା ଦାଣ୍ଡକୁ ଆସିବା ନେଇ ଜ୍ୱଳାମୁଖୀ ଯୁବକ ସଂଘ ପକ୍ଷରୁ କୁହାଯାଇଛି । କମିଟି ସଭାପତି ତାରିଣୀ ଚରଣ ସାହୁଙ୍କ କହିବାନୁଯାୟୀ, ୧୯୩୯ରେ ପ୍ରଥମେ ଏହି ରଥ ଯାତ୍ରାଦାଣ୍ଡକୁ ଆସିଥିଲା । ଏହି ରଥର ଉଚ୍ଚତା ୨୫ଫୁଟ ରହିଥିବା ବେଳେ ଓସାର ପ୍ରାୟ ୮ ରୁ ୧୦ ଫୁଟ ମଧ୍ୟରେ ରହିଛି । ଏହି ରଥ ଉନ୍ମୋଚନ ଦିନ ମା' ସାହିପରିକ୍ରମା ଆସି ରଥକୁ ଲୋକାର୍ପଣ କରିଥାନ୍ତି । ସେହି ସମୟରେ ମା'ଙ୍କ ସମ୍ମୁଖରେ ପ୍ରଥମେ ଜ୍ୱଳାମୁଖୀଙ୍କ ମସ୍ତକ ସ୍ଥାପନ କରାଯାଇଥାଏ । ଜ୍ୱଳାମୁଖୀ ମା'ଙ୍କ ଏକ ଭଉଣୀ ହୋଇଥିବାରୁ ଏହି ରଥର ମସ୍ତକ ସ୍ଥାପନ ପରେ ଅନ୍ୟାନ୍ୟ ଗୁଡିକରେ ମସ୍ତକ ସ୍ଥାପନ ହେବାର ବିଧି ରହିଛି । ମା' ପ୍ରିୟ ବିଞ୍ଝଣା ରଥ ଯାତ୍ରା ଦାଣ୍ଡକୁ ଆସିବା ଦିନ ହିଁ ଏହି ରଥ ଯାତ୍ରା ଦାଣ୍ଡକୁ ଆସିଥାଏ । ତେବେ ଏହି ରଥ ବାହାରିବା ପରେ ଠାକୁରାଣୀ ଯାତ୍ରାରେ ଭିଡ ବଢିଥାଏ ବୋଲି ମଧ ଲୋକକଥା ରହିଛି ବୋଲି ସେ କହିଛନ୍ତି । ଯାତ୍ରାର ଶେଷ ୧୦ ଦିନ ଯାତ୍ରା ଦାଣ୍ଡରେ ପ୍ରଦର୍ଶିତ ହୋଇଥାଏ । ମସ୍ତକ ସ୍ଥାପନ ଦିନ ପ୍ରାୟ ୨୫ ହଜାର ଟଙ୍କା ବିନିୟମରେ ଏକ ୩୦ଫୁଟ ଲମ୍ବର ଫୁଲମାଳ ରଥରେ ଚଢାଯାଇଥାଏ । ଯାହା ଏହାର ଅନ୍ୟତମ ଆକର୍ଷଣ ହୋଇଥାଏ । ର୍ଥଟି ସମ୍ପୂର୍ଣ୍ଣ ପାଳଧୁଆ କାଠରେ ନିର୍ମିତ ହୋଇଥିବା ବେଳେ ରଥର ରକ୍ଷଣାବେକ୍ଷଣ ପାଇଁ ମା ଜ୍ୱଳାମୁଖୀ ଯୁବକ ସଂଘ ନାମରେ ଏକ ଯୁବକ ସଂଘର ଗଠନ କରାଯାଇଛି ।

**ବୁଢ଼ୀଠାକୁରାଣୀ ଯାତ୍ରା: ଉତ୍ସବମୁଖର ଦେଶୀବେହେରା ସାହି**

# ବାଦ୍ୟବାଜଣା, ହୁଳହୁଳି ନାଦରେ ଦୁଲୁକୁଛି ଯାତ୍ରାସ୍ଥଳ

**ବ୍ରହ୍ମପୁର ଅଫିସ,୩।୪**

ମା' ବୁଢୀଠାକୁରାଣୀଙ୍କ ଯାତ୍ରା ପାଇଁ ଉତ୍ସବମୁଖର ବ୍ରହ୍ମପୁର ସହର । ଯାତ୍ରାସ୍ଥଳ ତଥା ମା'ଙ୍କ ବାପଘର କୁହାଯାଉଥିବା ଦେଶୀବେହେରା ସାହି ଚଳଚଞ୍ଚଳ ହୋଇଉଠିଛି । ପ୍ରତ୍ୟେକ ଦିନ ସକାଳୁ ମଧରାତ୍ର ଯାଏ ମା'ଙ୍କ ଅସ୍ଥାୟୀ ପୀଠରେ ଶ୍ରଦ୍ଧାଳୁ ଓ ମାନସିକଧାରୀଙ୍କ ଭିଡ ଜମୁଥିବା ବେଳେ ଦେଶୀବେହେରା ସାହି ସମେତ ବଡବଜାର, ସାନବଜାର, ପୁରୁଣା ବ୍ରହ୍ମପୁର ଅଞ୍ଚଳବାସୀଙ୍କ ଖୁସିର ଲହରି ଦେଖିବାକୁ ମିଳିଛି । ସନ୍ଧ୍ୟାରେ ମା'ଙ୍କ ଘଟ ପରିକ୍ରମା ବେଳେ ହୁଳହୁଳି, ମହୁରୀ, ବାଦ୍ୟବାଜଣା, ଶଙ୍ଖଧ୍ୱନିରେ ପ୍ରକମ୍ପିତ ହେଉଛି ଦେଶୀବେହେରା ସାହି ଦାଣ୍ଡ । ଅପରପକ୍ଷରେ ବୁଧବାର ମା'ଙ୍କ ଘଟ ପରିକ୍ରମା ବେଳେ ଘଟଧାରୀ ୩ ରଥକୁ ଯାତ୍ରାଦାଣ୍ଡକୁ ଆସିବାକୁ ନିମନ୍ତ୍ରିତ କରିଛନ୍ତି।

ଏହି ଯାତ୍ରା ବୁଧବାର ୬ଷ୍ଠ ଦିନରେ ପହଞ୍ଚିଥିବା ବେଳେ ସକାଳୁ ଅସ୍ଥାୟୀ ପୀଠରେ ମା'ଙ୍କ ଦର୍ଶନ ପାଇଁ ଶତାଧିକ ମାନସିକଧାରୀ ଓ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ମହିଳା ଓ ମାନସୀକଧାରୀମାନେ ପ୍ରଥମେ ଅସ୍ଥାୟୀ ପୀଠ ଆଗରେ ଥିବା ଧର୍ମଝଣ୍ଡାରେ ହଳଦୀ, କର୍ପୂର ମିଶା ଜଳ ଅର୍ପଣ କରିବା ସହ ଭୋଗ ଅର୍ପଣ କରିଥିଲେ । ଏହାପରେ ମା'ଙ୍କୁ ଅସ୍ଥାୟୀ ପୀଠରେ ପୂଜିଥିଲେ । ଯାତ୍ରାସ୍ଥଳରେ ଭିଡକୁ ଦୃଷ୍ଟିରେ ରଖି ମଙ୍ଗଳବାରରୁ ଅସ୍ଥାୟୀ ପୀଠ ଓ ଯାତ୍ରାସ୍ଥଳରେ ୮ ସିସି କ୍ୟାମେରା ଲଗାଯାଇଛି । ଦିନରେ ମା'ଙ୍କ ଅସ୍ଥାୟୀ ପୀଠରେ ରୀତିନୀତି ସହ ପୂଜାର୍ଚ୍ଚନା ପରେ ସନ୍ଧ୍ୟାରେ ମା'ଙ୍କ ଘଟରେ ନୂତନ ଟାହିଆ ଲଗାଯାଇଥିଲା । ବିଳମ୍ବିତ ସନ୍ଧ୍ୟାରେ ମା'ଙ୍କ ଘଟ ଅସ୍ଥାୟୀ ପୀଠ ସାହି ପରିକ୍ରମା ପାଇଁ ବାହାରିଥିଲା । ପରମ୍ପରା ଅନୁଯାୟୀ ମା' ଦେବକୀ ମୁଖ୍ୟଘଟକୁ ମୁଣ୍ଡାଇଥିଲେ । ଡେରା ସମ୍ପ୍ରଦାୟର ସେନାପତିଙ୍କ ସ୍ତ୍ରୀମାନେ ଅନ୍ୟ ୮ ପାର୍ଶ୍ୱଘଟକୁ ମୁଣ୍ଡାଇଥିଲେ । ସାଥିରେ ରହିଥିଲେ ବାପା ପି. ଦୁର୍ଗାପ୍ରସାଦ ଦେଶୀବେହେରା ହଜାର ହଜାର ଭକ୍ତଙ୍କ ଗହଣରେ ବାଦ୍ୟବାଜଣା, ମହୁରୀ ଧ୍ୱନି, ମହିଳାଙ୍କ ହୁଳହୁଳି ନାଦ ମଧ୍ୟରେ ମା'ଙ୍କ ଘଟ ଶୋଭାଯାତ୍ରା ପ୍ରଥମେ ରାଜବାଟିକୁ ଯାଇଥିଲା । ସେଠାରେ ମହୁରୀ ରାଜା ଅଶୋକ କୁମାର ନରେନ୍ଦ୍ର ଦେବ ପୂଜାର୍ଚ୍ଚନା କରିଥିଲେ । ଶୋଭାଯାତ୍ରା ଗୁଡବଜାର ଦେଇ ଜେନାସାହିକୁ ଯାଇଥିଲା। ସେଠାରେ ବୀର ଲକ୍ଷ୍ମଣ ରଥକୁ ଯାତ୍ରାଦାଣ୍ଡକୁ ଆସିବାକୁ ଘଟଧାରୀ ନିମନ୍ତ୍ରଣ କରିଥିଲେ । ଏହାପରେ ବିନାୟକ ଆଚାର୍ଯ୍ୟ ଖୁଆଡ ହୋଇ ଶେଭାଯାତ୍ରା ସୀତାରାମ ସାହି ବୁଲିବା ବେଳେ ମା' ନାଗାର୍ଜୁନ ରଥ ଓ ଶଙ୍କରପୁର ସାହି ପରିକ୍ରମା ବେଳେ ରାମଚନ୍ଦ୍ର ରଥକୁ ଯାତ୍ରାଦାଣ୍ଡକୁ ଆସିବାକୁ ମୁଖ୍ୟ ଘଟଧାରୀ ମା'ଦେବକୀ ନିମନ୍ତ୍ରଣ କରିଥିଲେ । ଏହାପରେ ଘଟ ଶୋଭାଯାତ୍ରା ରାଜାସାହି, କେଉଟ ସାହି ହୋଇ ଅସ୍ଥାୟୀ ପୀଠକୁ ବାହୁଡିଥିଲା । ଉପରୋକ୍ତ ସାହି ପରିକ୍ରମା ବେଳେ ମହିଳାମାନେ ଘର ଦାଣ୍ଡରେ ଜଳକୁମ୍ଭ ରଖିବା ସହ ମୁଖ୍ୟଘଟଧାରୀଙ୍କ ପାଦକୁ ହଳଦୀ, କର୍ପୂରମିଶା ପାଣିରେ ଧୋଇଥିଲେ । ତେବେ ଅଧୁନିକ ଯୁଗରେ ବିଦ୍ୟୁତ ବ୍ୟବସ୍ଥା ଥିଲେ ମଧ ଦୁଇଟି ପେଟ୍ରୋମାକ୍ସ ଲାଇଟର ଆଲୋକରେ ମା'ଘଟ ପରିକ୍ରମା କରିଥିବା ଦେଖିବାକୁ ମିଳିଥିଲା ।


ମହିଳାମାନେ ଧର୍ମଝଣ୍ଡା ମୂଳରେ ହଳଦୀ ପାଣି ଢାଳୁଛନ୍ତି ।

**ଷଷ୍ଠ ଦିନରେ ୩ ରଥକୁ ନିମନ୍ତ୍ରଣ**

ଅନ୍ୟପଟେ ମା'ଙ୍କ ବାପଘରକୁ ଆସିବାର ସପ୍ତାହକ ମଧ୍ୟରେ ମାଉସୀ ଘର କୁହାଯାଉଥିବା ଜଉରା ସାହିର ଶ୍ରୀନିବାସ ରାଓଙ୍କ ଘରକୁ ଯିବାର ପରମ୍ପରା ରହିଛି। ଉକ୍ତ ପରମ୍ପରା ଅନୁସାରେ ଗୁରୁବାର ମା' ମାଉସୀମାଙ୍କ ଘରକୁ ଯିବାର ସମ୍ଭାବନା ଥିବା କୁହାଯାଉଛି । ତେଣୁ ଏନେଇ ଜଉରା ସାହିର ଶ୍ରୀନିବାସଙ୍କ ପରିବାରରେ ମଧ ଖୁସିର ମାହୋଲ ଦେଖାଦେଇଛି ।

## ସଂକ୍ଷେପରେ

### ବଳଦେବ ସ୍ୱାମୀ ବରିଷ୍ଠ ନାଗରିକ ଟ୍ରଷ୍ଟ ବୈଠକ



ବୁଗୁଡ଼ା,୩।୪(ଡି.ଏନ.ଏ.)-ବୁଗୁଡ଼ା ବଳଦେବ ସ୍ୱାମୀ ବରିଷ୍ଠ ନାଗରିକ ଟ୍ରଷ୍ଟର ସାଧାରଣ ବୈଠକ ବୁଧବାର ସ୍ଥାନୀୟ ସୂର୍ଯ୍ୟନଗରସ୍ଥିତ ନିଜ ନିର୍ମାଣାଧୀନ କୋଠାରେ କୈଳାସ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଟ୍ରଷ୍ଟର ଅସମ୍ପୂର୍ଣ୍ଣ କୋଠାର ପୂର୍ଣ୍ଣାଙ୍ଗ ଦେବା, ସାମାଜିକ କାର୍ଯ୍ୟ ସମ୍ପାଦନ, ବରିଷ୍ଠ ନାଗରିକମାନଙ୍କ ତୀର୍ଥ ଭ୍ରମଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଅହମଦାବାଦସ୍ଥିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତି ସହ ବିଭିନ୍ନ ଦର୍ଶନୀୟ ସ୍ଥାନ ଟ୍ରେନରେ ପରିବାରଙ୍କ ସହ ଭ୍ରମଣ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିରେ ଟ୍ରଷ୍ଟର ଅଧ୍ୟକ୍ଷ ଗଙ୍ଗାଧର ବିଷୋୟୀ, ଉପାଧ୍ୟକ୍ଷ କେ. ଅଶୋକ କୁମାର ପାତ୍ର, ସମ୍ପାଦକ ଡି. ସତ୍ୟ ନାରାୟଣ ପାତ୍ର, ସହ ସମ୍ପାଦକ ଡାକ୍ତର କାର୍ତ୍ତିକ ଗୌଡ଼, ସାଧୁ ଚରଣ ବିଷୋୟୀ, ରଘୁନାଥ ସାହୁ, କୋଷାଧ୍ୟକ୍ଷ ଜି. ବାପୁଜୀ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

### ବଜ୍ରପାତରେ ଫାଟିଲା ଘର ଛାତ



ଗଞ୍ଜାମ,୩।୪(ଡି.ଏନ.ଏ.) ଗଞ୍ଜାମ ବ୍ଲକ ରାମଗଡ଼ ପଞ୍ଚାୟତ ପୋଡ଼ାଗଡ଼ ଗ୍ରାମରେ ରବିବାର ବଜ୍ରପାତରେ କାମେଶ୍ୱର ସାହୁଙ୍କ ଘର ଛାତ ଫାଟିଯାଇଛି। ଏହାର ମରାମତି କରିବା ନେଇ କାମେଶ୍ୱର ବିଡିଓ ଜ୍ୟୋତି ଶଙ୍କର ରାଏଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

୨୦୧୬ରୁ ୧୭ରେ ବାତ୍ୟା ନିରୋଧକ ଗୃହ (ଓଡିଆର୍‌ପି) ଯୋଜନାରେ କାମେଶ୍ୱର ଘର ପାଇଥିଲେ। ରବିବାର କାଳବୈଶାଖିରେ ପ୍ରବଳ ବିଜୁଳି ସହ ଘଡ଼ଘଡ଼ି ମାରିବାରୁ ଛାତ ଫାଟିଯିବା ସହ ଘରର ସମସ୍ତ ବିଦ୍ୟୁତ୍ ସରଞ୍ଜାମ ସମ୍ପୂର୍ଣ୍ଣ ପୋଡ଼ି ଯାଇଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ସେ ଗରିବ ଶ୍ରେଣୀର ହୋଇଥିବାରୁ ଛାତ ତିଆରି କରିବା ତାଙ୍କ ପକ୍ଷେ ସମ୍ଭବ ନାହିଁ ତେଣୁ ସହାୟତା ପାଇଁ ନିବେଦନ କରିଛନ୍ତି।

## ଗୋଟିଏ ଦିନରେ ଏକାଧିକ ପରୀକ୍ଷା

# ଫୁଲବାଣୀ ସ୍ୱୟଂଶାସିତ କଲେଜରେ ଛାତ୍ର ଅସନ୍ତୋଷ

ଫୁଲବାଣୀ ଅଫିସ, ୩।୪



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଛାତ୍ରମାନେ।

ଗୋଟିଏ ଦିନରେ ଏକାଧିକ ପରୀକ୍ଷା କରାଯିବାକୁ ସାରଣୀ ପ୍ରକାଶ ପାଇଥିବାରୁ ଫୁଲବାଣୀ ସ୍ୱୟଂଶାସିତ କଲେଜ ଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ନିର୍ବାଚନ ପରେ ପୃଥକ ଭାବେ ବ୍ୟାକ ଓ ରେଗୁଲାର ପେପର ପରୀକ୍ଷା କରିବା ଦାବି ନେଇ ଛାତ୍ରମାନେ ବୁଧବାର ଜିଲାପାଳଙ୍କୁ ଭେଟିଛନ୍ତି। ତେବେ ଜିଲାପାଳ ଏ ସଂକ୍ରାନ୍ତରେ ପ୍ରିନ୍ସିପାଲଙ୍କ ସହ ଆଲୋଚନା କରି ସମ୍ଭବ ହେଲେ ଅଲଗା ଦିନରେ ଏବଂ ନିର୍ବାଚନ ଦିନଗୁଡିକରେ ପରୀକ୍ଷା ନ କରିବାକୁ କହିଛନ୍ତି। ଫୁଲବାଣୀ ସ୍ୱୟଂଶାସିତ କଲେଜ ଯୁକ୍ତ ୩ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି ଯେ, ବାରମ୍ବାର ପରୀକ୍ଷା ପରିବର୍ତ୍ତନ ସତ୍ତ୍ୱେ ଠିକ ସାରଣୀ ବାହାରି ପାରିଲାନି। ଗୋଟିଏ ଦିନରେ ବ୍ୟାକ ଓ ରେଗୁଲାର ପେପର ପରୀକ୍ଷା ଦେବା ଅସମ୍ଭବ। ସେହିପରି ଅନର୍ସ ପରୀକ୍ଷା ଲଗାତାର କରାଯାଉଛି। ଯାହା ସିଧାସଳଖ ରେଜଲ୍ଟ ଉପରେ ପ୍ରଭାବ ପକାଇବ। ପ୍ରତି ୬ ମାସରେ ସେମିଷ୍ଟର ପରୀକ୍ଷା ହେବା କଥା। ୩ ମାସରେ ପରୀକ୍ଷା ହେବା ଦ୍ୱାରା ଅସୁବିଧା ହେଉଛି। ତେଣୁ ଅଲଗା ଏବଂ ଦିନ ବ୍ୟବଧାନରେ ପରୀକ୍ଷା କରାଯାଉ ବୋଲି ଛାତ୍ର ରଶ୍ମୀରଞ୍ଜନ ପଣ୍ଡା, ଦେବାଶିଷ ବଗର୍ତ୍ତୀ, ସାବନ୍ ପରିଚ୍ଛା, ଶ୍ରୀକାନ୍ତ ପ୍ରଧାନ, ପୀତବାସ ମହାରଣା ପ୍ରମୁଖ ଦାବି କରିଛନ୍ତି। ଏ ନେଇ ପ୍ରିନ୍ସିପାଲ ରଞ୍ଜନ ମହାଲିକଙ୍କ ସହ ଯୋଗାଯୋଗ କରିବାକୁ ସେ କହିଛନ୍ତି, ସେମିଷ୍ଟାର ପୂର୍ବରୁ ପ୍ରାକ୍ଟିକାଲ, ଇଣ୍ଟରନାଲ, ବ୍ୟାକ ଆଦି ସବୁ ପରୀକ୍ଷା ସାରିବାକୁ ନିୟମ ଅଛି। ଶେଷ ବର୍ଷ ଛାତ୍ରଙ୍କର ମଧ୍ୟ ପରୀକ୍ଷା ଅଛି। ପରୀକ୍ଷା ବିଳମ୍ବ ହେଲେ ଫଳ ବାହାରିବାରେ ବି ବିଳମ୍ବ ହେବ। ଶେଷବର୍ଷର ପିଲା ଅଧିକ ହଇରାଣ ହେବେ। ଉଚ୍ଚ ପାଠ୍ୟକ୍ରମରେ ନାମ ଲେଖାଇ ପାରିବେ ନାହିଁ। ନିର୍ବାଚନ ମଧ୍ୟରେ ପରୀକ୍ଷା ହେଉଥିବାରୁ ଛାତ୍ରମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ନିର୍ବାଚନ ପରେ କଲେଜ ଛୁଟି ହୋଇଯିବ। ତେଣୁ ସମୟକୁ ଦେଖି ପରୀକ୍ଷା ସାରିବାକୁ ପଡିବ। ଜିଲାପାଳଙ୍କୁ ମଧ୍ୟ ଏହା ଜଣାଇଥିବା ପ୍ରିନ୍ସିପାଲ କହିଛନ୍ତି। ତଥାପି ନିର୍ବାଚନ ବେଳେ ଦିନର ବ୍ୟାବଧାନକୁ ଦେଖି ପରୀକ୍ଷା ସ୍ଥିର କରାଯିବ ବୋଲି ପ୍ରିନ୍ସିପାଲ କହିଛନ୍ତି।

## ପୂର୍ବତନ ପେସ୍‌କାରଙ୍କୁ ବର୍ଷେ ଜେଲ

ଫୁଲବାଣୀ ଅଫିସ, ୩।୪

ଜମି ପଟ୍ଟା କରାଇବା ବାବଦରେ ଲାଞ୍ଚ ନେବା ମାମଲାର ବିଚାର କରି ବୁଧବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଭଗବାନ ପ୍ରଧାନ ଅଭିଯୁକ୍ତ ପୂର୍ବତନ ପେସକାର ହରି ଚରଣ ଦାସଙ୍କୁ ବର୍ଷେ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କ ଉପରେ ୫ ହଜାର ଟଙ୍କା ଜରିମାନା ପକାଯାଇଛି। ଏହା ଅନାଦେୟ ଅଧିକ ବର୍ଷେ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ଫିରିଙ୍ଗିଆ ଥାନା ବରେପାଙ୍ଗା ଗ୍ରାମର ବଳରାମ କହଁର, ରାସା କହଁର ଦୁଇ ଭାଇ। ସେମାନଙ୍କର ଗୋଟିଏ ଭଉଣୀ। ବାପାଙ୍କ ମୃତ୍ୟୁ ପରେ ଭଉଣୀଙ୍କ ସହମତିକ୍ରମେ ଭାଇମାନେ ଜମି ପଟ୍ଟା ନିଜ ନାମରେ କରିବା ପାଇଁ ବନ୍ଧଗଡ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ବନ୍ଦୋବସ୍ତ କ୍ୟାମ୍ପକୁ ଯାଇଥିଲେ। ୨୦୧୩ ଜୁନ୍ ୧୧ରେ ସେମାନଙ୍କର ଶୁଣାଣି ଥିଲା। ସେଠାରେ ଅତିରିକ୍ତ ବନ୍ଦୋବସ୍ତ ଅଧିକାରୀ(ଏଏସ୍‌ଓ) ଡ.ପ୍ରଫୁଲ୍ଲ କୁମାର ସାହୁ ଓ ପେସ୍‌କାର ହରି ଚରଣ ଦାଶ ଶୁଣାଣି ଆରମ୍ଭ କରିଥିଲେ। ଭଉଣୀଙ୍କ ନାମ ବାଦ୍ ଦେଇ ନିଜ ନାମରେ ପଟ୍ଟା କରିବାକୁ ହେଲେ ଏକ ଆଫିଡେଭିଟ୍ ଏବଂ ୬୦୦୦ ଟଙ୍କା ଦେବାକୁ ପଡିବ ବୋଲି ବଳରାମଙ୍କୁ ହରି କହିଥିଲେ। ବଳରାମ ପ୍ରଥମେ ମନାକରି ପରେ ରାଜି ହୋଇଥିଲେ। ସେହିମାସ ୨୦ରେ ଟଙ୍କା ଦେଣନେଣ ପାଇଁ କଥା ଛିଡିଥିଲା। ଏ ନେଇ ବଳରାମ ବ୍ରହ୍ମପୁରସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ହରି ଟଙ୍କା ନେବା ବେଳେ ଭିଜିଲାନ୍ସ ଅଧିକାରୀ ତାଙ୍କୁ ଗିରଫ କରିଥିଲେ। ଏ ନେଇ ଭିଜିଲାନ୍ସ ପକ୍ଷରୁ ନଂ.୧୮/୧୩ରେ ମାମଲା ରୁଜୁ ହୋଇଥିଲା। ୭ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେଶ ମହାପାତ୍ର ମାମଲା ପରିଚାଳନା କରୁଥିଲେ।

## ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ, ତଦନ୍ତ ଆରମ୍ଭ

ଦାରିଙ୍ଗବାଡ଼ି,୩।୪(ଡି.ଏନ.ଏ)

ଦାରିଙ୍ଗବାଡ଼ି ଥାନା ଦାସିଂବାଡ଼ିରେ ଜଣେ ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସବିତା ନାୟକ। ମଙ୍ଗଳବାର ରାତି ପ୍ରାୟ ୧୧ଟାରେ ସବିତାଙ୍କୁ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ତେବେ ସେତେବେଳକୁ ସବିତାଙ୍କ ମୃତ୍ୟୁ ଘଟିସାରିଥିଲା। ଏ ନେଇ ଡାକ୍ତର ଥାନାକୁ ଜଣାଇଥିଲେ। ମୃତଦେହକୁ ପୋଲିସ ଜବତ କରି ସନ୍ଦେହ ହେବାରୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ଏ ନେଇ ନଂ.୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି। ବାଲିଗୁଡ଼ା ଏସ୍‌ଡିପିଓ ବିନିତ ଅଗ୍ରୱାଲ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

## ଲମ୍ବୋଦରଙ୍କୁ ଆକ୍ରମଣ ଘଟଣା

# ୩ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ ଦାବି

ଫୁଲବାଣୀ ଅଫିସ, ୩।୪

କୁଇ ସମାଜ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ଲମ୍ବୋଦର କହଁରଙ୍କୁ ମାଡ ମରାଯିବା ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଭିଯୁକ୍ତଙ୍କୁ ୩ ଦିନ ମଧ୍ୟରେ ଗିରଫ କରିବାକୁ ମିଳିତ କ୍ରିୟାନୁଷ୍ଠାନ କମିଟି ଜିଲା ପ୍ରଶାସନକୁ ଚେତାବନୀ ଦେଇଛି। ନଚେତ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ବୁଧବାର ଫୁଲବାଣୀ କୁଇ ସମାଜ ସମନ୍ୱୟ ସମିତି କାର୍ଯ୍ୟାଳୟରେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

କୁଇ ସମାଜ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ତଥା କନ୍ଧ ସର୍ଦ୍ଦାର ଲମ୍ବୋଦରଙ୍କୁ ବିଜେଡିର ପ୍ରଚାର ଶୋଭାଯାତ୍ରାରେ ଜୁଲମ କରି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରାଯାଇଛି। ଏପରିକି ତାଙ୍କୁ ମାଡ ମାରି ଗାଡି ଚାବି ଛଡାଇ ନିଆଗଲା। ଯାହା ଜିଲାବାସୀଙ୍କ ପାଇଁ ଦୁଃଖ ଦାୟକ ଅଟେ। ଏ ନେଇ ଥାନାରେ ଅଭିଯୋଗ କରାଯାଇଥିଲେ ସୁଦ୍ଧା ପୋଲିସ କିଛି



ମିଳିତ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା।

ପଦକ୍ଷେପ ନେଇ ନାହିଁ କି କାହାରିକୁ ଗିରଫ କରିନାହିଁ। ଯଦି ଆକ୍ରମଣକାରୀଙ୍କୁ ଗିରଫ କରା ନ ଯିବ ତାହାଲେ ଜିଲାରେ ବିଶୃଙ୍ଖଳା ପାଇଁ ପ୍ରଶାସନ ଦାୟୀ ରହିବ ବୋଲି କମିଟି କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ପ୍ରଦୀପ କହଁର, ପୁଷାରା କହଁର, ବିବସ୍ୱ ପ୍ରଧାନ, ତ୍ରିନାଥ ମାଝି, ରାଜେନ୍ଦ୍ର କହଁର, ନନ୍ଦରାଜ ପ୍ରଧାନ, ନିଗମାନନ୍ଦ କହଁର ପ୍ରମୁଖ କମିଟି କର୍ମକର୍ତ୍ତା ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସୋମବାର ଲମ୍ବୋଦର ତାଙ୍କ କାରରେ ତେଲ ପକାଇବା ପାଇଁ ସ୍ତ୍ରୀଙ୍କ ସହ ବଜାରସ୍ଥିତ ପେଟ୍ରୋଲ ପମ୍ପକୁ ଯାଉଥିଲେ। ବିଜେଡି ଶୋଭାଯାତ୍ରା ଯୋଗୁ ଭିଡ ହୋଇଥିଲା। ଏକ ଆମ୍ବୁଲାନ୍ସକୁ ସାଇଡ ଦେଇ ତା ପଛରେ ଯିବାକୁ ଚେଷ୍ଟା କରୁଥିବା ବେଳେ ଲମ୍ବୋଦରଙ୍କ ଗାଡି ଭିଡରେ ଫସି ଯାଇଥିଲା। ଏହି ସମୟରେ ଶୋଭାଯାତ୍ରା କରୁଥିବା ଲୋକଙ୍କ ଭିତରୁ ଜଣେ ଆସି ଗାଡି ବାଡେଇବା ସହ ଅଶ୍ଳୀଳ ଭାଷାରେ ଗାଳି କରିଥିଲେ। ପରେ ସେ ମୁହଁକୁ ମାରି ଗାଡିଚାବି ନେଇ ପଳାଇଥିଲେ।

## ଅଗ୍ନିକାଣ୍ଡରେ ୬ ବଖରା ଜଳିଗଲା

ଶଙ୍କରାଖୋଲ,୩।୪(ଡି.ଏନ.ଏ.)

ଚକାପାଦ ବ୍ଲକ ଶଙ୍କରାଖୋଲ ଗ୍ରାମପଞ୍ଚାୟତ କାଡ଼ପଦର ଗ୍ରାମରେ ବୁଧବାର ଅପରାହ୍ନରେ ନିଆଁଲାଗି ୨ ପରିବାର ୬ ବଖରା ଘର ଜଳିଯାଇଛି। ଟିକାବାଲି ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କ୍ଷତିଗ୍ରସ୍ତ ପରିବାର ହେଲେ ଶଙ୍କର କହଁର ଓ ଶିବ କହଁର। ଶଙ୍କରଙ୍କର ୩ ବଖରା ଏବଂ ଶିବଙ୍କର ୩ ବଖରା ସହ ଧାନ, ଚାଉଳ, ଆସବାବ ପତ୍ର ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ସରପଞ୍ଚ ଚିତ୍ର କହଁର ଘଟଣାସ୍ଥଳରେ ପହଞ୍ଚି ଉକ୍ତ ପରିବାରକୁ ଚାଉଳ, ଡାଲି, ଚୁଡା ଆଦି ଦେଇଥିବା ବେଳେ ଶଙ୍କରାଖୋଲ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପକ୍ଷରୁ ପଲିଥିନ ଯୋଗାଇ ଦିଆଯାଇଛି। ନିଆଁ ଲାଗିବାର କାରଣ ଜଣାପଡ଼ି ନାହିଁ। ଉଭୟ ପରିବାର କାମ କରିବାକୁ ବାହାରକୁ ଯାଇଥିବା ବେଳେ ଅଗ୍ନିକାଣ୍ଡ ଘଟିଥିଲା। ଦୁଇ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଆବାସ ଗୃହ ଯୋଗାଇ ଦେବାକୁ ଦାବି ହୋଇଛି।

## ରାଇକିଆରେ ଦଣ୍ଡଯାତ୍ରା ଆରମ୍ଭ, ୬ରେ ଅଷ୍ଟଶମ୍ଭୁ ମିଳନ

ରାଇକିଆ,୩।୪(ଡ଼ି.ଏନ.ଏ)

ରାଇକିଆ ଓ ଏହାର ଆଖପାଖ ଅଞ୍ଚଳ ଦଣ୍ଡନାଚ ପାଇଁ ଉତ୍ସବ ମୁଖର ହୋଇ ଉଠିଛି। ସୋମବାରଠାରୁ ଦଣ୍ଡ ଯାତ୍ରା ଆରମ୍ଭ ହୋଇଛି। ଲୋକ କଳା ଓ ପୂରାତନ ସଂସ୍କୃତିର ବାର୍ତ୍ତାବହ ଏହି ଦଣ୍ଡ ନାଚ ପାଇଁ ଗାଁ ଗହଳି ଚଳଚଞ୍ଚଳ ହୋଇଛି। ୧୩ ଦିନ ଧରି ଏହି ଦଣ୍ଡ ନାଚ ହେବ। ଆଗାମୀ ୬ ତାରିଖରେ ରାଇକିଆ ପଞ୍ଚୁଦଣ୍ଡ କମିଟି ପକ୍ଷରୁ ଅଷ୍ଟଶମ୍ଭୁ ମିଳନ ଅନୁଷ୍ଠିତ ହେବ। ଏଥିରେ ଆଖପାଖ ଅଞ୍ଚଳ ୮ ଟି ଦଣ୍ଡନୃତ୍ୟ ଦଳ ଭାଗ ନେବେ। ଏଥିପାଇଁ ଶ୍ରଦ୍ଧାଳୁଙ୍କ ମନରେ ଉତ୍ସାହ ଦେଖାଦେଉଛି। ଚୈତ୍ର ମାସରେ ୧୩ ଦିନ ଧରି ଦଣ୍ଡନାଚ ପାଳନ କରାଯାଏ। ମାନସିକ ଧାରୀ ଦଣ୍ଡୁଆମାନେ ହଳଦିଆ ବସ୍ତ୍ର ପିନ୍ଧି ଏକତ୍ରିତ ହୋଇ ସଂକଳ୍ପ, ପୂଜାର୍ଚ୍ଚନା ଓ ଅଗ୍ନି ପୂଜା ପାରମ୍ପରିକ ରୀତିରେ କରିଥାନ୍ତି। ଦଣ୍ଡୁଆମାନେ ପ୍ରଚଣ୍ଡ ଖରାରେ ଧୂଳି ଦଣ୍ଡ, ଅପରାହ୍ନରେ ପାଣି ଦଣ୍ଡ ଓ ରାତିରେ ଅଗ୍ନି ଦଣ୍ଡ ପ୍ରଦର୍ଶନ କରିଥାନ୍ତି। ଦଣ୍ଡନାଚରେ ପାରମ୍ପରିକ ଲୋକ ନୃତ୍ୟ, କୃଷକର ପରମ୍ପରା, ପୁରାତନ ସଂସ୍କୃତି ପରିବେଷଣ କରାଯାଇଥାଏ। ଦିନରେ କୁରାଡିଆ ଚରିତ୍ର ଦର୍ଶକଙ୍କୁ ବେଶ୍ ଆମୋଦିତ କରିଥିବାବେଳେ ରାତିରେ ଦଣ୍ଡ ଚରିତ୍ର ନୃତ୍ୟରେ ଶିବ, କାଳୀ, ଚଢେୟା, ଚଢେୟାଣୀ, ଯୋଗୀ, ବୀଣାକାର ଆଦି ପରିବେଷଣ ହୋଇଥାଏ। ମେରୁ ଦିନ ପାଟ ଭୁକ୍ତାଙ୍କ ଅଗ୍ନି ସମାପନ ପରେ ଏହି ଯାତ୍ରା ଉଦ୍‌ଯାପନୀ ହୋଇଥାଏ। ଯେଉଁ ପରିବାର ମା' ଦଣ୍ଡ କାଳୀଙ୍କ ଦଣ୍ଡ ନାଚ ନିଜ ଘର ଦାଣ୍ଡରେ କରିବା ପାଇଁ ମାନସିକ କରିଥାନ୍ତି, ସେମାନେ ଏହି ଦଣ୍ଡୁଆ ଦଳକୁ ନିମନ୍ତ୍ରଣ କରିଥାନ୍ତି। କନ୍ଧମାଳ ଜିଲାର ଦଣ୍ଡ ନାଚର ସ୍ୱତନ୍ତ୍ର ପରିଚୟ ରହିଥିବା ବେଳେ ଏହା ବହୁ ପୁରାତନ ଏବଂ ଆଜି ବି ଲୋକପ୍ରିୟ ହୋଇରହିଛି।

## ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ତାଲିମ ଶିବିରରେ ଉପସ୍ଥିତ ଛାତ୍ରୀମାନେ।

ବୁଗୁଡ଼ା,୩।୪(ଡି.ଏନ.ଏ.)

ବୁଗୁଡ଼ା ପିପୁଲ୍ସ କଲେଜରେ ୧୨ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ବୁଧବାର ଭାରପ୍ରାପ୍ତ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବରିଷ୍ଠ ଅଧ୍ୟାପକ ଡଃ. ପ୍ରଶାନ୍ତ କୁମାର ମହାପାତ୍ର, ଅକ୍ଷୟ କୁମାର ସାହୁ, ଡଃ. ପ୍ରଦୀପ କୁମାର ଦାଶ, କଲେଜର କ୍ରୀଡ଼ା ଶିକ୍ଷକ କ୍ରୀଷ୍ଟାରାଓ ପାତ୍ର, ସଂଯୋଜିକା ରଶ୍ମିତା କୁମାରୀ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କଲେଜର ୨ ଶହରୁ ଅଧିକ ଛାତ୍ରୀଙ୍କୁ ବିଭିନ୍ନ ପର୍ଯ୍ୟାୟରେ ପ୍ରଶିକ୍ଷକ ଭାବେ ଚାନ୍ଦିନୀ ସାହୁ, ଦିବ୍ୟାନୀ ସାହୁ, ଅର୍ଚ୍ଚନା ପ୍ରଧାନ ଓ ପୂଜାରାଣୀ ପ୍ରଧାନ ପ୍ରମୁଖ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରିଥିଲେ।




## ଡାକଘରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ

ଶେରଗଡ଼,୩।୪(ଡି.ଏନ.ଏ.)

ଶେରଗଡ଼ ଡାକଘରେ ବୁଧବାର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ପୋଷ୍ଟ ମାଷ୍ଟର ଜ୍ୟୋତିଲକ୍ଷ୍ମୀ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ତାକରଡ଼ା ଡାକଘରର ଶାଖା ପୋଷ୍ଟ ମାଷ୍ଟର ଦାମୋଦର ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ଥାନୀୟ ଡାକଘରର କର୍ମଚାରୀ ଅନିଲ କୁମାର ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଅଜିତ କୁମାର ବେହେରା, ବୁଲା ଗୌଡ଼, ସରୋଜ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ